


5

# ‘ବିକାଶ ମେଳା’ରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



[illegible] । ୧୮।୬(ପି.ଏନ) : [illegible]

# ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ! ପ୍ରେମିକ ଶୋଇବା ଘରୁ ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର କଲା ପୋଲିସ




ରାଇରଙ୍ଗପୁର - ୧୮।୬ : [illegible]

# ଟାଟା ପାୱାର ର ମନମାନି, [illegible] ନାହାଁନ୍ତି ଅଧିକାରୀ, ଲୋକେ ଭୋଗୁଛନ୍ତି ନାହିଁ ନଥିବା ଅସୁବିଧା

[illegible]

# ବ୍ରହ୍ମପୁର ନୂଆଁ ବସଷ୍ଟାଣ୍ଡ ଅଟୋ ଚାଳକଙ୍କ ଦୌରାତ୍ମ୍ୟ

[illegible]

# ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ ଏଚପିଭି -କର୍କଟ ଜନସଚେତନତା ଅଭିଯାନ ଆରମ୍ଭ




ଭୁବନେଶ୍ୱର : [illegible]

# କେବିସି ଗ୍ଲୋବାଲ ଲିମିଟେଡ ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ- ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ସ୍ଥାପନ କରିବ

[illegible]

# ଗ୍ରୀଷ୍ମକାଳିନ କରାଟେ, କିକ୍‌ବକ୍ସିଂ ଓ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଏବଂ ବେଲ୍ଟ ଟେଷ୍ଟ ଉଦ୍ଯାପିତ

[illegible]

# ନଦୀ ପାର ହେବା ବେଳେ ଫସିଲା ଟେମ୍ପୋ



[illegible]

# ବିକଶିତ ବରଗଡ଼ ପାଇଁ ଦୁର୍ନୀତି ମୁକ୍ତ ନିଶାମୁକ୍ତ ତଥା ଦଲାଲମୁକ୍ତ ବରଗଡ଼ ଜିଲ୍ଲା ଗଠନ ପାଇଁ ଆହ୍ୱାନ ଦେଲେ ଦିବସ



ବରଗଡ଼ : [illegible]

# ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ର ବିକଳ ଦୃଶ୍ୟ: ରୋଗୀଙ୍କ ବିପି ଓ ରେଜିଷ୍ଟର ମେଂଟେନାନ୍ସ କରୁଛନ୍ତି ସ୍ୱିପର

[illegible]

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁନ ୧୯**

# ପ୍ରଧାନମନ୍ତ୍ରୀ ଆସୁଛନ୍ତି- ଅନେକ ଉପଲବ୍ଧିର ହେବ ତର୍ଜମା



ଉମାଶଙ୍କର ପ୍ରସାଦ

ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । 'ବର୍ଷ ଏକ ମାତ୍ର ଉପଲବ୍ଧି ଅନେକର ହେବ ତର୍ଜମା' । ମୋହନ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ନିଜ ନିଜ ବିଭାଗରେ କରିଥିବା ଜନତାଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାବଳୀର ଚିଠା ପ୍ରସ୍ତୁତ କରିଛନ୍ତି ଯାହାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଅନୁଧ୍ୟାନ କରିବେ ଏବଂ ନିଜର ମତ ପ୍ରଦାନ କରିବେ ପ୍ରକୃତରେ ସେମାନେ ଜନସାଧାରଣଙ୍କ ପାଇଁ ନିଜର ତଥା ଦଳର ହିତରେ କାର୍ଯ୍ୟ କରିଛନ୍ତି ନା କରିନାହାଁନ୍ତି, ତାରି ଉପରେ ସେମାନଙ୍କର ପରବର୍ତ୍ତୀ ସମୟରେ ମନ୍ତ୍ରୀ ହେବେ ନା ବାଦ ପଡିବେ ନିର୍ଭର କରେ? ମୋହନ ସରକାର ନିଜର ବର୍ଷପୁରାଣୀ କୁ ନେଇ ବିଭିନ୍ନ ଛପା ଗଣମାଧ୍ୟମରେ ଏକ ବିରାଟ ଆଲେଖ୍ୟ ରେ ନିଜର କରିଥିବା କାର୍ଯ୍ୟର ବିଷଦ୍ ବିବରଣୀ ପ୍ରଦାନ କରିଛନ୍ତି । ଏବଂ ୨୦୩୬ ରେ ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ତାଙ୍କର ମନ ଗହନରେ ଥିବା ଲକ୍ଷ୍ୟ ପାଇଁ କି କି ପଦକ୍ଷେପ ନେବା ଦରକାର ତାର ଏକ ରୋଡ ମ୍ୟାପ ମଧ୍ୟ ପ୍ରସ୍ତୁତ ହୋଇଛି । କେବଳ ସେତିକି ନୁହଁ ୨୦୪୭ ରେ ଆମ ଦେଶ ସ୍ୱାଧୀନତାର ଶତାବ୍ଦୀ ପାଳନ ଅବସରରେ ଦେଶକୁ ବିଶ୍ୱ ଦରବାରରେ ପହଂଚାଇବା ପାଇଁ ଆମ ରାଜ୍ୟ ଓଡିଶାର ଭୂମିକାକୁ ନେଇ ସେ ତାଙ୍କ ମନରେ ଅନେକ ଯୋଜନା ପ୍ରସ୍ତୁତି କରିଛନ୍ତି । ଆଜକୁ ଏକ ବର୍ଷ ତଳେ ଜନତା ମଇଦାନରେ ମୋହନ ସରକାରର ଶପଥ ଗ୍ରହଣ ଉତ୍ସବରେ ଯାହା ମନରେ ଭାବିଥିଲେ ତାକୁ ଲୋକସେବା ଭବନ କୁ ପ୍ରବେଶ କରିବାର ୨୪ ମିନିଟ୍ ରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । କିନ୍ତୁ ମନରେ ଏକ ପ୍ରଶ୍ନ ଉଙ୍କି ମାରେ ୨୦୩୬ ଓ ୨୦୪୭ ପାଇଁ ପ୍ରସ୍ତୁତ ରୋଡମ୍ୟାପ ! ଏହି ପ୍ରସଙ୍ଗରେ ରାମାୟଣର ଏକ ରୋଚକ କଥା ମନକୁ ଆସେ ଯାହା ହେଲା ଲଙ୍କାଧିପତି ରାବଣର ନିଧନ ସମୟରେ ପ୍ରଭୁ ରାମଚନ୍ଦ୍ର ଅନୁଜ ଲକ୍ଷ୍ମଣଙ୍କୁ ବ୍ରହ୍ମଜ୍ଞ ରାବଣ ଠାରୁ କିଛି ଜ୍ଞାନ ଆହରଣ ପାଇଁ ପଠାଇଥିଲେ । ବଡଭାଇର ଆଦେଶରେ ଲକ୍ଷ୍ମଣ ଆହତ ଅବସ୍ଥାରେ ପଡି ଥିବା ରାବଣ ର ଶିର ପାଖରେ ଠିଆ ହୋଇ କିଛି ଜ୍ଞାନ ଆହରଣ ପାଇଁ ବିନମ୍ର ନିବେଦନ କରିଥିଲେ । ଲକ୍ଷ୍ମଣଙ୍କ ଏତାଦୃଶ କାର୍ଯରେ ରାବଣ ହସିବାକୁ ଲାଗିଲା ଓ କହିଥିଲା ଲକ୍ଷ୍ମଣ ତୁମେ ଏପର୍ଯ୍ୟନ୍ତ ଜ୍ଞାନ ଆହରଣ କରିବାକୁ ଯୋଗ୍ୟ ହୋଇନାହଁ । ଲକ୍ଷ୍ମଣ ବିରସ ମନରେ ଫେରିଆସି ଭାଇଙ୍କୁ ସମସ୍ତ ବୃତାନ୍ତ କହିବାରୁ ରାମ କହିଲେ ଲକ୍ଷ୍ମଣ ତୁମେ ବ୍ରହ୍ମଜ୍ଞ ରାବଣର ଶିର ପ୍ରଦେଶରେ ଦଣ୍ଡାୟମାନ ହୋଇ ଜ୍ଞାନ ଆହରଣ କରିବା ନୀତି ବିରୁଦ୍ଧ । ଯାହା ଠାରୁ କିଛି ଶିକ୍ଷା କରିବ ତାର ପାଦଦେଶରେ ରହି ଜ୍ଞାନ ଆହରଣ କରାଯାଏ । ତୁମେ ଆଉଥରେ ଯାଅ ପାଦଦେଶରେ ହାତ ଯୋଡି ବସି ନିବଦେନ କର ସେ ତୁମକୁ ନିଶ୍ଚୟ ଜ୍ଞାନ ପ୍ରଦାନ କରିବେ , ଭାଇଙ୍କ ଆଦେଶରେ ଲକ୍ଷ୍ମଣ ଠିକ ସେହିପରି କରିବାରୁ ରାବଣ ହସିବା ସହିତ କହିଥିଲା ହେ ଲକ୍ଷ୍ମଣ କାଲି କିଏ ଦେଖିଛି ? ତେଣୁ ଯାହା କାଲି କରିବ ବୋଲି ଭାବିଛ ତାହା ଆଜି କର ଓ ଯାହା ଆଜି କରିବାକୁ ଭାବିଛ ତାକୁ ସଙ୍ଗେ ସଙ୍ଗେ କର କାରଣ ମୁଁ ଭାବିଥିଲି ସମୁଦ୍ର ପାଣିକୁ ଦୁଗ୍ଧ କରିଦେବି ସ୍ୱର୍ଗକୁ ଆରୋହଣ ନିମିତ ଶିଡି କରିଦେବି ମାତ୍ର କିଛି କରି ପାରିଲିନି । ଭାଗବତ ଅନୁସାରେ 'ଭାବନା ମୁକେ କାଳ ଥାଇ - ପ୍ରାଣୀ ତା ଜାଣି ନପାରଇ' ! ତେଣୁ ସରକାର ଯେଉଁ ଭବିଷ୍ୟତ ପରିକଳ୍ପନା କରିଛନ୍ତି ତାକୁ ଯଥା ଶୀଘ୍ର ପୁରଣ ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ । ' ନିଃଶ୍ୱାସେ ନୈବ ବିଶ୍ୱାସମ କଦାରୁଦ୍ଧ ଭବିଷ୍ୟତ' । ତାଙ୍କ ଶାସନ ବର୍ଷରେ ଜଗନ୍ନାଥଙ୍କ ଚାରି ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ମରାମତି, ୫୦୦ କୋଟି କର୍ପସ ଫଣ୍ଡ ଜଗନ୍ନାଥଙ୍କ ପାଇଁ, ସୁଭଦ୍ରା ଯୋଜନାରେ ମା ଭଉଣୀ ମାନଙ୍କୁ ସାମିଲ, ଅନ୍ନଦାତା କୃଷକ ମାନଙ୍କ ପାଇଁ ଧାନ କୁଇ□ାଲ ପିଛା ୮୦୦ ଟଙ୍କାର ଇନପୁଟ ସବସିଡି୍ ମାଧ୍ୟମରେ ଧାନ କୁଂ□ାଲ ୩୧୦୦ ଟଙ୍କା ପହଂଚାଇବାର ନିର୍ଣ୍ଣୟ, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି, ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ସାମିଲ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ବର୍ଷକରେ ୨୭ ହଜାର କର୍ମଚାରୀ ପଦ ପୁରଣ, ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତା ୩୫୦୦ କୁ ବୃଦ୍ଧି , ଆୟୁଷ୍ମାନ ଯୋଜନାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ଏହିଭଳି ଅନେକ କରିଥିବା କାର୍ଯ୍ୟର ବିବରଣୀ ପ୍ରଦାନ କରିଛନ୍ତି । ଏ ସବୁ ସତ୍ୱେ 'ଦୀପ ତଳ ଅନ୍ଧାର' ଭଳି ମୁଖ୍ୟମ'ୀ ନିଜର ଦପ୍ତର ଓ ନିବାସ ରେ ଜଣେ ସାଧାରଣ ଲୋକକୁ କିଭଳି ତାଙ୍କର କର୍ମଚାରୀ ଓ ବରିଷ୍ଠ ପଦାଧିକାରୀଙ୍କ ଦୁର୍ବ୍ୟବହାର ବିଷୟରେ ନିଜେ ମୁଖ୍ୟମନ୍ତ୍ରୀ ବଖାଣିଛନ୍ତି ତାହା ତାଙ୍କ ସରଳତା ର ଏକ ମହାନ ନମୁନା । ଆଜି ବି ପ୍ରାୟ ୮୦୦୦ ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ସମାଧାନ ହୋଇ ନପାରି ମୁଖ୍ୟମନ୍ତ୍ରୀଙ୍କ ଅଭୀଯୋଗ ପ୍ରକୋଷ୍ଠରେ ପଡିରହିଛି । ଦୁଃଖ ଓ ପରିତାପର ବିଷୟ ମୁଖ୍ୟମନ୍ତ୍ରୀ ତଥା ତାଙ୍କର ସହେଯାଗୀ ମନ୍ତ୍ରୀଙ୍କ ପାଖରେ ଥିବା ପଦାଧିକାରୀ ମାନେ ଜନସାଧାରଣ ଓ ସାମ୍ବାଦିକ ତଥା ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କର ଫୋନ ଉଠାନ୍ତିନି ଅଧିକନ୍ତୁ ସେମାନଙ୍କୁ ଦୁର୍ବ୍ୟବହାର କରିଥା'ି ଯାହା ବି.ଜେ.ବି ଦଳ ପାଇଁ ଶୁଭଙ୍କରୀ ନୁହେଁ । ମାନନୀୟ ପ୍ରଦାନମନ୍ତ୍ରୀ ସମୀକ୍ଷା କଲାବେଳେ ଏହି ବିଷୟ ଉପରେ ଧ୍ୟାନ ଦେବାପାଇଁ ଜନ ସାଧାରଣ ଙ୍କ ବିନମ୍ର ଅନୁରୋଧ । ପୂର୍ବବର୍ତି ସରକାର ଏହି ଅଫିସର ମାନଙ୍କ ଏକଛତ୍ର ବାଦ ବ୍ୟବହାର ଓ ପ୍ରଧାନ ମନ୍ତ୍ରୀ ମୋଦିଙ୍କ ମୁହଁକୁ ଅନାଇ ସରକାର ପରିବ□ନ କଲେ ମାତ୍ର ଯଦି ଏ ସରକାର ର ଧୋବ ଧୋବଲିଆ ବାବୁମାନେ ଜନସାଧାରଣଙ୍କୁ ଏପରି ବ୍ୟବହାର ଦେଖାଇବେ ତେବେ ଆଗାମୀ ଦିନ ସରକାରଙ୍କ ପାଇଁ ଯେ ବୁମେରାଙ୍ଗ ନହେବ ତାହା କହିବା ଠିକ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀମାନେ ନିଜର କାର୍ଯ୍ୟାଳୟର ଅଧିକାରୀ ମାନଙ୍କୁ ବ୍ୟବହାରରେ ଶାଳୀନତା ରକ୍ଷାକରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି ଆଶା । ' ଉତ୍କର୍ଷ ଓଡିଶା' ସମ୍ମିଳନୀ ଜରିଆରେ ଯଦିଓ ୧୬ ଲକ୍ଷ କୋଟି ଟଙ୍କାର ପୁଁ ନିବେଶ ଓ ୧୩ ଲକ୍ଷ ନିଯୁକ୍ତି ସୁଯୋଗର ପ୍ରତିଶୃତି ମିଳିଛି ତେବେ ଏହା କେତେଦୂର ଫଳପ୍ରଦ ହେବ ତାହା ଭବିଷ୍ୟତ କହିବ? ପୂର୍ବ ସରକାରରେ ଏରି ଅନେକ ଚୁକ୍ତି ସ୍ୱାକ୍ଷର କରା ଯାଇଥିଲା ସେଥିରୁ କେତେ ଫଳପ୍ରଦ ହୋଇଛି ବ□ମାନର ସରକାର ଓ ମୋର ସୁଧୀ ପାଠକ ମାନେ ବିଚାର କରିବେ । ଏହାଛଡା ବର୍ତମାନ ସରକାରଙ୍କ ସାମନାରେ ଅନେକ ସମସ୍ୟା ମହନଦୀ ଜଳବିବାଦ, କୋଟିଆ ପ୍ରସଙ୍ଗ ଏବବେି ଅସମାହିତ ହୋଇ ରହିଛି । ଏହା ସତ୍ୱେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଓଡିଶାକୁ ଆସୁଛନ୍ତି । ଦୁଇ ଲକ୍ଷ ଲୋକଙ୍କ ସମାଗମ , ୨୮ ଟି ମଂଚ ପ୍ରସ୍ତୁତି, ୪୦ ଟି ସାଂସ୍କୃତିକ ଦଳ ପ୍ରଧାନ ମନ୍ତ୍ରୀଙ୍କୁ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରି ଆପ୍ୟାୟିତ କରିବେ । ଦଳୀୟ ନେତା ବରିଷ୍ଠ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଜି ଜାନ ଲଗାଇ ଦେବେ । ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରେ ପ୍ରଧାନ ମନ୍ତ୍ରୀ ଓଡିଶାକୁ ଆସିବା ଅତି ଶୁଭ ଖବର କିନ୍ତୁ ତାଙ୍କର ଏହି ଆଗମନରେ ଯେଉଁ ବ୍ୟୟ ବହୁଳ ଅର୍ଥର ବିନିର୍ବେୟ ହେବ ତାହା ଜନ ସାଧାରଣଙ୍କ ର କଷ୍ଟ ଅର୍ଜିତ ଧନ ନା ସାଂସଦ, ବିଧାୟକ, ମନ୍ତ୍ରୀମାନଙ୍କ ରୋଜଗାରର ଅର୍ଥ ତାହା ପାଠକେ ବିଚାର କରିବେ ଓ ଆମ ନେତୃବର୍ଗ ତାର ଆତ୍ମସମୀକ୍ଷା କରିବେ ବୋଲି ଆଶା ।

ଖୋର୍ଦ୍ଧା

# ଭାରତୀୟ ଦର୍ଶନରେ ସାରାବିଶ୍ୱ ଏକ ପରିବାର

**ଗୋପାଳ ମହାପାତ୍ର**

[illegible]

ମୋ : ୯୪୩୮୪୮୭୦୦୪

# ଖରାଦିନରେ କାନ-ନାକ-ଗଳାର ଯତ୍ନ

[illegible]

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

[illegible]

# 'ରାମ ନାମ ହିଁ ମୋର ବଳ'

[illegible]

କଟକ



# ମୋ ଓଡ଼ିଶା



## ଯାଜପୁର ଡାଇରିଆ ପ୍ରବଣ ଅଞ୍ଚଳରେ କେନ୍ଦ୍ରୀୟ ଟିମର ଅନୁଧ୍ୟାନ ଓ ସମୀକ୍ଷା



ଯାଜପୁର, : ଆଜି କେନ୍ଦ୍ରୀୟ ଟିମ୍ ଯାଜପୁର ଜିଲ୍ଲାର ଡାଇରିଆ ପ୍ରବଣ ଅଞ୍ଚଳରେ ଅନୁଧ୍ୟାନ କରିବା ସହ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି ଏବଂ ମେଡିକାଲ କଲେଜର ଡିନ୍ ତଥା ପ୍ରିନ୍ସିପାଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ଆଲୋଚନା ପୂର୍ବକ କହିଛନ୍ତି ଡାଇରିଆ ନିରାକରଣ ଏବଂ ଏହା ରୋକିବା କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି କେନ୍ଦ୍ରୀୟ ଟିମ୍ ସନ୍ତୋଷ ପ୍ରକାଶ ସହ ଏହା ସଠିକ୍ ପ୍ରକ୍ରିୟା ବୋଲି ମତ ଦେଇଛନ୍ତି। ପ୍ରତ୍ୟେକ ଦିନ କେତେ ନୂଆ ସଂକ୍ରମିତ ରୋଗୀ ଆସୁଛନ୍ତି ଏହାର ଅନୁଧ୍ୟାନ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତଭିତ୍ତିକ ଟିମ୍ ଦ୍ୱାରା ବିଶୋଧନ (ଡିସଇନଫେକସନ) କରାଯାଉଛି ଏବଂ ଏହା [illegible] ଚାଲୁ ରହିବ। ଆଶା, ଅଙ୍ଗନୱାଡ଼ି କର୍ମୀ, ଏସ.ଏଚ.ଜି, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଘର ଘର ବୁଲି ଫୁଟା ପାଣି ପିଇବା, ନିୟମିତ ଭାବରେ ସାବୁନ୍ ରେ ହାତ ଧୋଇବା, ପୋଖରୀ ପାଣିରେ ନ ଗାଧୋଇବା କିମ୍ବା ପୋଖରୀ ପାଣିକୁ [illegible] ବ୍ୟବହାର ନକରିବାକୁ [illegible] ସଚେତନ କରାଯାଉଛି। [illegible] ଓ ଆର ଏସ, ହାଲୋଜେନ ଟାବଲେଟ, ବ୍ଲିଚିଂ ଇତ୍ୟାଦି ଘର ଘର ବଣ୍ଟନ କରାଯାଉଛି। ଅସୁସ୍ଥଙ୍କର ଶୀଘ୍ର ଏବଂ ପ୍ରଭାବୀ ଭାବେ ସମ୍ପୂର୍ଣ୍ଣ ଭଲ କରିବା ପାଇଁ ପରାମର୍ଶ ଦିଆଯିବା ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରୟ ହେଉଥିବା ଖାଦ୍ୟ ଦୋକାନରେ ବନ୍ଦ କରାଯାଉଛି। କେନ୍ଦ୍ରୀୟ ଟିମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟାନ୍ୟ ଡାଇରିଆ ପ୍ରବଣ ଅଞ୍ଚଳ ପରିଦର୍ଶନ କରିବେ ଏବଂ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ। ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୮୫ ନୂଆ ଆକ୍ରାନ୍ତ ହୋଇଥିବାବେଳେ ୧୫ ଜଣଙ୍କୁ ରେଫର କରାଯାଇଛି ଏବଂ ୧୭୨ ଜଣଙ୍କୁ ଡିସଚାର୍ଜ କରାଯାଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟରେ ମୋଟ ୧୯୩ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

## ପୋଖରୀଗାଁ ପଞ୍ଚାୟତରେ ଗାଁ ରାସ୍ତା ଶୋଚନୀୟ, ମରାମତି ପାଇଁ ଗ୍ରାମବାସୀଙ୍କ ଦାବି



ନିଆଳି : କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ପୋଖରୀଗାଁ ଗ୍ରାମ ପଞ୍ଚାୟତ ଅଧୀନ ଗ୍ରାମ ପୋଖରୀଗାଁ ପୁର୍ବ ପୁଅର ରାସ୍ତା ଅବସ୍ଥା ଶୋଚନୀୟ। [illegible]

## ମୃତ୍ୟୁକୂଳ ବିଦ୍ୟୁତ ଟ୍ରାନ୍ସଫରମର ସୃଷ୍ଟି କରୁଛି ବିପଦପୂର୍ଣ୍ଣ ପରିବେଶ



[illegible]

## କରଞ୍ଜିଆ ଠାରେ ବିକାଶ ବାହାନ ଯାତ୍ରା ଶୁଭାରମ୍ଭ କଲେ ବିଧାୟକ ପଦ୍ମଚରଣ




କରଞ୍ଜିଆ : କେନ୍ଦ୍ରରେ ବିଜେପି ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟରେ ମୋହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ [illegible]

## ବର୍ଷକରେ ପ୍ରଧାନମନ୍ତ୍ରୀ ସଡକରେ ପିଚୁ ଫାଟି ଭୁଶୁଡ଼ି ଗଲାଣି



କୋରାପୁଟ : [illegible] ଜିଲ୍ଲା, କୋରାପୁଟ [illegible]

## ବିଞ୍ଝାରପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର, : ଯାଜପୁର ଜିଲ୍ଲା ପ୍ରଶାସନ [illegible]

## ପୂଜ୍ୟ ପୂଜା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମରଣସଭା



[illegible]

## ରେଙ୍ଗୁଆର ଅନ୍ତେବାସିନୀ ମାନଙ୍କ ସହିତ ଜନ୍ମଦିନ ପାଳିଲେ ମଧୁ



[illegible]

## ବିକାଶ ମେଳାର ଷଷ୍ଠ ଦିବସ

[illegible]

## ସାମସଙ୍ଗ ଆରଆଣ୍ଡଡ଼ି ପ୍ରତିଷ୍ଠାନ, ନଏଡ଼ାଏବଂ ଆଇଆଇଟି ମାଡ୍ରାସ ଆନୁକୂଲ୍ୟରେ ଭାରତୀୟ ଭାଷା, ହେଲଥକେୟାର ଏବଂ ଜେନେରେଟିଭ ଏଆଇ ନିମନ୍ତେ ଏଆଇ ମାଧ୍ୟମରେ ଗବେଷଣା ପାଇଁ ଚୁକ୍ତିନାମାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର : ସାମସଙ୍ଗ ଆରଆଣ୍ଡଡ଼ି ପ୍ରତିଷ୍ଠାନ, ନଏଡ଼ା [illegible]




## ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ : ଟଙ୍କା ହଡପ କରି ଠିକାଦାର ଫେରାର



ଭୁବନେଶ୍ୱର,(ପି.ଏନ): ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ । ଉନ୍ନୟନ ମୂଳକ କାମରେ ଘୋଟାଲା । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା । ପାରଳାଖେମୁଣ୍ଡିରେ ଥିବା ବୃହତ ରାମ ସାଗର ପୁନରୁଦ୍ଧାର କାମରେ ହୋଇଛି ଅର୍ଥ ହେରଫେର । ସାଗରର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ଏବଂ ନୌବିହାରର ବ୍ୟବସ୍ଥା ପାଇଁ ତତ୍କାଳୀନ ସରକାର ପ୍ରଥମ ପର୍ଯ୍ୟାୟରେ ୩ କୋଟି ୫୦ ଲକ୍ଷ ମଞ୍ଜୁର କରିଥିଲେ । ୨୦୨୪ ଜାନୁଆରୀରେ ବିଭାଗ ପକ୍ଷରୁ ସାଗରର ପଙ୍କ ଉଦ୍ଧାର ସହ ହିଡ ମରାମତି କାମ ଆରମ୍ଭ ହୋଇଥିଲା । ଏସ ଗ୍ରୁପ ଅଫ କନଷ୍ଟ୍ରକସନ ନାମକ ଏକ ନିର୍ମାଣ କାରୀ ସଂସ୍ଥା ଦାୟିତ୍ୱ ନେଇଥିଲା । ହେଲେ ନା ସାଗରରୁ ଶେଷ ହୋଇଛି ପଙ୍କ ଉଦ୍ଧାର ନା ହିଡ ମରାମତି, କେବେଳ ମଝିରେ ଠାଏ ଠାଏ ମାଟି ଜମା କରି ଠିକାଦାର ଫେରାର । କିନ୍ତୁ ଏହାରି ଭିତରେ କାର୍ଯ୍ୟ ବାବଦକୁ ୨ କୋଟି ୪୦ ଲକ୍ଷ ୭୯ ହଜାର ଟଙ୍କା ବିଲ କରି ଚଳୁ କରାଯାଇଛି । ଯାହାକି ପୂର୍ବରୁ ଥିବା ଅଧିକାରୀଙ୍କ ବଦଳି ପରେ ଦୁର୍ନୀତି ସାମ୍ନାକୁ ଆସିଛି । ଏପରିକି ସମ୍ପୃକ୍ତ ଠିକାଦାର ଦେଇଥିବା ବ୍ୟାଙ୍କ ଗ୍ୟାରେଣ୍ଟ ସମ୍ପୂର୍ଣ୍ଣ ନକଲି ବୋଲି ଧରାପଡିଛି । ଏନେଇ ମୁଖ୍ୟ ଯନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ନୂଆ ଅଧିକ୍ଷଣ ଯନ୍ତ୍ରୀ, ଏବଂ କହିଛନ୍ତି ଓପିଡବ୍ଲୁଡି କୋଡ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ।ସଂପୃକ୍ତ ଠିକାଦାର ଉଦ୍ଦେଶ୍ୟମୂଳକ ଭାବେ ବ୍ୟାଙ୍କ ଗ୍ୟାରେ[ ବାବଦକୁ ଦେଇଥିଲେ ନକଲି ବ୍ୟାଙ୍କ ବଣ୍ଡ । ଯାହାକୁ ଅନ୍ଧ ଭଳି ଯାଂଚ ନକରି ଆଖିବୁଜି ଗ୍ରହଣ କରିନେଇଥିଲେ ତତ୍କାଳୀନ ଅଧିକାରୀ । କାମ ଚାଲୁଥିବା ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଚାଷୀ ଅଭିଯୋଗ କରିଥିଲେ । ଏହା ସତ୍ୱ ? ଠିକାଦାର ପ୍ରତି ଅନୁକମ୍ପା ଦେଖାଇ ସମ୍ପୃକ୍ତ ଯନ୍ତ୍ରୀ ବିଲ ପୈଠ କରିଥିବା ଅଭିଯୋଗ ହୋଇଛି । ଯାହା ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାକୁ ପଦାରେ ପକାଉଛି । ଅନ୍ୟପକ୍ଷରେ ଠିକାଦାରଙ୍କ ଦୁର୍ନୀତି ଖୋର ମନୋଭାବରୁ ସରକାରଙ୍କ ଯୋଜନା ଅଧାର ଅଟକିଯାଇଛି ।

## ପାଣିରୁ ବ୍ୟାପିଛି ଡାଇରିଆ; ସ୍ୱାସ୍ଥ୍ୟ ବିଭାଗକୁ ସ୍ପଷ୍ଟ କଲା କେନ୍ଦ୍ରୀୟ ଟିମ୍



ଭୁବନେଶ୍ୱର,(ପି.ଏନ) : ପାଣିରୁ ବ୍ୟାପିଛି ଡାଇରିଆ । ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ସ୍ପଷ୍ଟ କରିଛି କେନ୍ଦ୍ରୀୟ ଟିମ୍ । ଡାଇରିଆରେ ସରକାରୀ ଭାବେ ୧୦ ଜଣଙ୍କର ହୋଇଛି ମୃତ୍ୟୁ । ଏନେଇ ସ୍ପଷ୍ଟ କରିଛନ୍ତି ସ୍ୱାସ୍ଥ୍ୟ ସଚିବ । ସମସ୍ତ ଜଳ ଉତ୍ସର ବିଶୋଧନ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛି ଟିମ୍ । କାର୍ଯରେ ଅବହେଳା ପାଇଁ ଯାଜପୁର ଜିଲ୍ଲା ବଡ଼ଚଣାର ଡାକ୍ତର ହେମନ୍ତ କୁମାର ମହାରଣାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । ପ୍ରତି ୩ ଦିନରେ ବିଶୋଧନକୁ ତ୍ୱରାନ୍ୱିତ କରାଯିବ । ରୋଗୀଙ୍କ କେଶ ହିଷ୍ଟରିକୁ ଯାଂଚ କରାଯିବ । ସ୍ୱାସ୍ଥ୍ୟ, ପଂଚାୟତିରାଜ, ମିଶନ ଶକ୍ତି, ନଗର ଉନ୍ନୟନ ବିଭାଗ ସହ ବୈଠକ ହୋଇଛି । ଡାଇରିଆକୁ ନେଇ ବ୍ୟାପକ ସଚେତନ କରିବ ସ୍ୱାସ୍ଥ୍ୟ ବିଭାଗ । ପଂଚାୟତିରାଜ ବିଭାଗର RWSSର କର୍ମଚାରୀ ମାନେ ଜଳ ଉତ୍ସକୁ ବୁଲି ଦେଖିବେ । ଡାଇରିଆ ସଚେତନତା କ୍ୟାମ୍ପେନରେ ଯୋଗଦେବେ ମିଶନ ଶକ୍ତି ମହିଳା । ଆସନ୍ତାକାଲି ଠାରୁ ୩ ଜିଲ୍ଲା ଯାଜପୁର, କଟକ ଓ ଭଦ୍ରକକୁ ଗସ୍ତ କରିବେ କେନ୍ଦ୍ରୀୟ ଟିମ୍ ସହ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ । ପ୍ରତ୍ୟେକ ଜିଲ୍ଲାରେ ଗଠନ ହେବ କୋର ଟିମ । ଏହି ଟିମର ଆବାହକ ରହିବେ ଉତ୍ତଗଡ଼ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ତର୍ଜମା କରାଯିବ ଏବଂ ତାପର ଦିନ ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ସେହିପରି ଏସସିବିକୁ ବାହାରୁ ରୋଗୀ ଆସୁଥିବାରୁ ଫୋକସରେ ରହିଛି କଟକ ଜିଲ୍ଲା । ୧୦୦ଟି ସାମ୍ପୁଲରୁ ୧୬ଟିରେ କଲେରା ପଜିଟିଭ ଚିହ୍ନଟ ହୋଇଛି । ଯାଜପୁରରେ ସୀମିତ ରହିଛି କଲେରା । ସେହିପରି ସ୍କୁଲ ଖୋଲୁଥିବାରୁ ସବୁ ସ୍କୁଲରେ ବିଶୋଧନ ହେବ ପାଣି । ହଷ୍ଟେଲ ଓ ସ୍କୁଲରେ ସଫା ହେବ ପାଣି ଟାଙ୍କି । ସ୍କୁଲ ଖୋଲିବା ପୂର୍ବରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିର ଗୁଣବତା ଯାଂଚ ହେବ । ଏହାସହ ପିଲାଙ୍କ ହାତ ଧୁଆ ଉପରେ ମଧ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ ।




## ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday June 19 ଭୁବନେଶ୍ୱର ଗୁରୁବାର, ୧୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ଉଦ୍‌ଘାଟିତ କିନ୍ତୁ ପ୍ରଭାବହୀନ: କର୍ମଚାରୀଙ୍କ ଅଭାବ ଯୋଗୁଁ କେନ୍ଦ୍ରୀୟ ଔଷଧ ପରୀକ୍ଷଣ ପ୍ରୟୋଗଶାଳା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନାହିଁ

ଭୁବନେଶ୍ୱର,(ପି.ଏନ): ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୨୪ ମସିହାରେ ଉଦଘାଟନ ହୋଇଥିବା ଭୁବନେଶ୍ୱରର ଗୋଠପାଟଣାରେ କେନ୍ଦ୍ରୀୟ ଔଷଧ ପରୀକ୍ଷଣ ପ୍ରୟୋଗଶାଳା (CDTL) ଡ୍ରଗ୍ସ ଇନ୍ସପେକ୍ଟରମାନଙ୍କ ଦ୍ୱାରା ସଂଗୃହୀତ ଔଷଧ ନମୁନା ପରୀକ୍ଷା କରିବା ପାଇଁ ଏକ ଅତ୍ୟାଧୁନିକ ସୁବିଧା ଭାବରେ ପରିକଳ୍ପନା କରାଯାଇଥିଲା। ଉଦଘାଟନୀ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂହ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜେପି ନଡ୍ଡା ମଧ୍ୟ ଭର୍ଚୁଆଲ୍ ଭାବରେ ବୈଠକକୁ ସମ୍ବୋଧିତ କରିଥିଲେ। ଏହି ପ୍ରୟୋଗଶାଳାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କ ପାଇଁ ନିରାପଦ, ପ୍ରଭାବଶାଳୀ ଏବଂ ଉଚ୍ଚମାନର ଔଷଧ ଉପଲବ୍ଧତା ସୁନିଶ୍ଚିତ କରିବା।ତଥାପି, ଉଦଘାଟନ ଏବଂ ସେବା ପାଇଁ ଉଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ସତ୍ତ୍ୱେ, CDTL ଭୁବନେଶ୍ୱର, CDSCO ଜୋନାଲ କାର୍ଯ୍ୟାଳୟ ସହିତ, ଅକାର୍ଯ୍ୟକ୍ଷମ ରହିଛି। ଏହି ଦୁର୍ଭାଗ୍ୟଜନକ ପରିସ୍ଥିତି ମୁଖ୍ୟତଃ ଭାରତ ସରକାରଙ୍କ ପର୍ଯ୍ୟାପ୍ତ ପ୍ରଶାସନିକ ଧ୍ୟାନ ଏବଂ ସମର୍ଥନର ଅଭାବକୁ ଦାୟୀ କରାଯାଇଛି।ନିର୍ଦ୍ଦେଶକ ସ୍ତରୀୟ ଅଧିକାରୀ, ଔଷଧ ବିଜ୍ଞାନୀ, ଜୈବ ରସାୟନବିଦ ଏବଂ ଅଣୁଜୀବବିଜ୍ଞାନୀଙ୍କ ସମେତ ସମ୍ପୂର୍ଣ୍ଣ କର୍ମଚାରୀ ନିଯୁକ୍ତି କରିବା ପରିବର୍ତ୍ତେ, କେବଳ ଜଣେ ଔଷଧ ନିରୀକ୍ଷକଙ୍କୁ ଏହି ସୁବିଧାରେ ନିଯୁକ୍ତ କରାଯାଇଛି। ଫଳସ୍ୱରୂପ, ପରୀକ୍ଷାଗାରଟି ଅଧିକାଂଶ ସମୟ ବନ୍ଦ ରହିଥାଏ, ଯାହା ଏହାର ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୋଇଥାଏ। ଏହି ଅପରିପକ୍ୱ ବ୍ୟବହାର ପୂର୍ବ ଭାରତରେ ଔଷଧ ନିୟନ୍ତ୍ରଣ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଦେଶର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପତନକୁ ପ୍ରତିନିଧିତ୍ୱ କରେ। ଏହାର ଉଦଘାଟନ ସମୟରେ ଧାର୍ଯ୍ୟ ଉଦ୍ଦେଶ୍ୟକୁ ବଜାୟ ରଖିବା ପାଇଁ ଉପଯୁକ୍ତ କର୍ମଚାରୀ, ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସୁନିଶ୍ଚିତ କରି ପରୀକ୍ଷାଗାରକୁ କାର୍ଯ୍ୟକ୍ଷମ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।ନୂତନ ଭାବରେ ଉଦ୍ଘାଟିତ ଔଷଧ ପରୀକ୍ଷଣ ପରୀକ୍ଷାଗାରରେ ଆବଶ୍ୟକୀୟ ବୈଷୟିକ ଏବଂ ପ୍ରଶାସନିକ କର୍ମଚାରୀ ନିଯୁକ୍ତି କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଓଡ଼ିଶାର ଲୋକମାନେ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କେବଳ ଭିତ୍ତିଭୂମି ଯଥେଷ୍ଟ ନୁହେଁ.. ପର୍ଯ୍ୟାପ୍ତ ମାନବ ସମ୍ବଳ ବିନା, ପରୀକ୍ଷାଗାର ଔଷଧର ଗୁଣବତ୍ତା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହାର ଉଦ୍ଦେଶ୍ୟ ପୂରଣ କରିପାରିବ ନାହିଁ ଜନସ୍ୱାସ୍ଥ୍ୟର ସୁରକ୍ଷା, ନିମ୍ନମାନର ଔଷଧ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ନିୟାମକ ମାନଦଣ୍ଡ ବଜାୟ ରଖିବା ପାଇଁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଔଷଧ ପରୀକ୍ଷଣ ପରୀକ୍ଷାଗାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶେଷରେ ବୁଦ୍ଧିଜୀବୀ ଏବଂ ନାଗରିକ ସମାଜର ସଦସ୍ୟମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଶୀଘ୍ର ପଦକ୍ଷେପ ନେବାକୁ ଏବଂ କାର୍ଯ୍ୟ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ ହେବା ନିଶ୍ଚିତ କରିବାକୁ ଆହ୍ୱାନ କରିଛନ୍ତି।



## ବିଶିଷ୍ଟ ସମାଜସେବୀ ବାଇଧର ମହାପାତ୍ରଙ୍କ ପରଲୋକ

ଯାଜପୁର, (ପି.ଏନ): ଜଣାଶୁଣା ସମାଜସେବୀ ବାଇଧର ମହାପାତ୍ରଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଅଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସମଗ୍ର ଯାଜପୁର ଟାଉନର ସବୁ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ଦଶାଶ୍ୱ ମେଧଘାଟରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ରାଜୀବ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ବାଇଧର ମହାପାତ୍ର ସେ ଯାଜପୁର ଅଂଚଳର ସେ ଗାନ୍ଧୀ ଭାବେ ପରିଚିତ ଥିଲେ । ଶେଷ ପର୍ଯ୍ୟନ୍ତ ସମାଜ ସେବା ଓ ସାମ୍ବାଦିକତାକୁ ନିଜର ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ସେ ଯାଜପୁର ଜିଲ୍ଲାର ଦୈନିକ ପର୍ଯ୍ୟବେକ୍ଷକର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲାପ୍ରତିନିଧିଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ଏବଂ ରାଜ୍ୟର ଅନେକ ବିଶିଷ୍ଟବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ଦୈନିକ ପର୍ଯ୍ୟବେକ୍ଷକ ଓ ଦି'କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ସ୍ୱର୍ଗତ ବାଇଧର ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ଆଡ଼ଭୋକେଟ ରାଜୀବ ମହାପାତ୍ରଙ୍କ ସହ ଦୂରବାର୍ତ୍ତା ଯୋଗେ କଥାବାର୍ତ୍ତା ହୋଇ ଗଭୀର ଶୋକବ୍ୟକ୍ତ କରିଛନ୍ତି।



## ଓଡିଶା ଭିଜନ ୨୦୩୬ ଏବଂ ୨୦୪୭ ଉପରେ ଦିନିକିଆ କର୍ମଶାଳା

ରାୟଗଡ଼ ,(ପି.ଏନ): ବିକାଶ ମେଳା ୨୦୨୫ ପାଳନ ଅବସରରେ ଆଜି ଜିଲ୍ଲାସ୍ତରୀୟ ଏକ ଦିବାସୀୟ ପରାମର୍ଶ କର୍ମଶାଳା ସ୍ଥାନିୟ ବିଜୁ ପଟ୍ଟନାୟକ ପ୍ରତୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରାୟଗଡ଼ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭକ୍ଷବରେ କୋରାପୁଟ ବିଧାୟକ ଶ୍ରୀଯୁକ୍ତ ରଘୁରାମ ମାଛ ଯୋଗଦାନ କରି ଉଦଘାଟନ କରିବା ସହିତ ନିଜର ବକ୍ତବ୍ୟରେ ରାୟଗଡ଼ ଜିଲ୍ଲା ବିକାଶ ହେଲେ ଓଡ଼ିଶାର ବିକାଶ ହେବ ଏବଂ ଓଡ଼ିଶାର ବିକାଶ ହେଲେ ଯାଇ ବିକଶିତ ଭାରତର ସ୍ୱପ୍ନ ଶାକାର ହେବ । ଏଥିପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ କ୍ଷ ରାୟଗଡ଼ ଜିଲ୍ଲା ଏକ ଖଣି ଖାଦାନ ଓ ଶିଳ୍ପ ସମୃଦ୍ଧ ଅଟେ ଏହାର ସଦବିନିଯୋଗ କଲେ ରାୟଗଡ଼ ଜିଲ୍ଲା ଅନ୍ୟଜିଲ୍ଲା ଠାରୁ ଦ୍ରୁତ ବିକାଶ ହେବ । ସେହିପରି ଜିଲ୍ଲାପାଳ ଶ୍ରୀମତୀ ପଟାୱରୀ ନିଜର ବକ୍ତବ୍ୟରେ ରାୟଗଡ଼ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଏଠାରେ ଅଧିକାଂଶ ଆଦିବାସୀ ବସବାସ କରନ୍ତି ସେମାନଙ୍କ ବିକାଶ ପାଇଁ ଆନ୍ତରିକତା ସହିତ ପ୍ରୟାସ କଲେ ନିଶ୍ଚିତ ଭାବରେ ଜିଲ୍ଲା ବିକଶିତ ହେବ । ଜିଲ୍ଲାର ବିକାଶ ପାଇଁ ଖୋଲାଖୋଲି ସବୁ ସମସ୍ୟା ବିଷୟରେ ଆଲୋଚ୍ନା କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲାରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବେଶୀ ସେଥି ପାଇଁ ସମାଧାନ କରିବାକୁ ପଡିବ। ଶିକ୍ଷକ ମାନେ ପିଲାଙ୍କ ଭବିଷ୍ୟତ ଗଠନ କରିବାକୁ ଗୁରୁ ଦାୟିତ୍ୱ ରହିଛି । ସେହିପରି ପନେଲା ଆଲୋଚ୍ନାରେ ପ୍ରଥମେ ଶିକ୍ଷବିତ୍ତଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷବିତ୍ତ ଡଃ ଦୁଷ୍ମନ୍ତ କୁମାର ମହାନ୍ତି ନିଜର ବକ୍ତବ୍ୟରେ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ । ସେହିପରି ଶିକ୍ଷକ୍ଷବିତ୍ତ ପ୍ରସନ୍ନ କୁମାର ଗନ୍ତାୟତ,ଅଧାପକ ରୌମ୍ୟରଞ୍ଜନ ସାହୁ, ଅଧାପକ, ମହିଳା ମହାନ ବିଦ୍ୟାଳୟ ଯୋଗଦାନ କାରୀ ବିଭିନ୍ନ ସମସ୍ୟା ଓ ସମ୍ଭାବ୍ୟ ଦିଗ ଉପରେ ଉପସ୍ଥାପନ କରିଥିଲେ । ଉପସ୍ଥିତି ଜନସାଧାରଣନ ପ୍ରଶ୍ନର ଉତ୍ତର ମଧ ରଖିଥିଲେ । ଏହାପରେ ଆର୍ଥିକ ଆନ୍ତର୍ଭୁକ୍ତି କରଣ ଉପରେ ବ୍ୟାଙ୍କିଙ୍ଗ ସଂସ୍ଥାର ପରିଚ୍ଳାକ ମାନେ ଯୋଗଦାନ କାରୀ ନିଜ ନିଜର ବକ୍ତବ୍ୟ ମାନ ରଖିଥିଲେ । ସେହିପରି ବାଣିଜ୍ୟ କାରବାର ଓ ଶିଳ୍ପ ଉପରେ ଉତ୍କଳ ଆଲୁମିନିଆର ମୁଖ୍ୟ ସିଏସଆର ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ଉଦ୍‌ଯୋଗୀ ନରେନ କୁମୁନ୍ଦନ, ଜେକେ କାଗଜ କଳର ସାଧାରଣ ପରିଚ୍ଳାକ, ସନ୍ଦୀପ ପାଣ୍ଡେ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚ୍ଳାକ ବିଜୟ କୁମାର ସାହୁ ପ୍ରମୁଖ ଜିଲ୍ଲାର ସମ୍ଭାବ୍ୟ ଭବିଷ୍ୟତ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ସେହିପରି ସାମାଜିକ ଗଣମାଧ୍ୟମ ପ୍ରଭାବୀ, ଷ୍ଟାର୍ଟ ଅପ ଓ ଉଦ୍‌ଯୋଗୀ ଉପରେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ସ୍ୱର୍ଣ୍ଣଲତା ରାଉତ, କୋରାପୁଟ ଜିଲ୍ଲା ସିମିଲଗୁଡାର ସଫଳ ଉଦ୍‌ଯୋଗୀ ସନ୍ତୋଷ କୁମାର ଖେମୁଣ୍ଡୁ, ଗୁଣୁପୁର ଆକ୍ୱିପ୍ରୋର ସଫଳ ଉଦ୍‌ଯୋଗୀ ଆଦିତ୍ୟ ନାରାୟଣ ମିଶ୍ର ଆଦି ଯୋଗଦାନ କରି ନିଜ ସଫଳତାର କାହାଣୀ ଉପସ୍ଥାପନା କରିଥିଲେ । ଏହି ପ୍ରମର୍ଶ କର୍ମଶାଳାକୁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ସହ ପ୍ରାଧାପକ ଡ଼ଃ ଈଶ୍ୱର ନାୟକ ପରିଚ୍ଳାନା କରିଥିବା ବେଳେ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳା ଅଧକ୍ଷତା କରିଥିଲେ। ଏହି କର୍ମଶାଳାରେ ସଫଳ ଉଦ୍ୟଗୀ ନିୟମ ରାଜା ଅଗ୍ର ପ୍ରଦ୍ୟୁଷାର କମ୍ପାନୀ, ଚ୍ଟିକଣା, ଶ୍ରୀ ବନା ସୁଧୀପ କୁମାର ଚ୍ରିାୟୁ, ମୃଦୁ ପାନୀୟ ସଂସ୍ଥା ଜେକେ ପୁର, ବିକ୍ରପୁର ଗୁଣୁପୁର ଆକ୍ୱି ଭେଦକ୍ଷ କିମ୍ବାରମା ଉଦ୍‌ଯୋଗ ର ଶ୍ରୀ ସୁରଜିତ ହୋତା, ଶିରିଡି ସାଇ ସ୍ୱୟଂ ସହକ୍ଷୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା ।



## ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ

ଭୁବନେଶ୍ୱର,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଗ୍ରାହକଙ୍କୁ ପାରମ୍ପରିକ ବୀମା ଉପରେ ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି। ଲୋନ ଏଗେନ୍ଷ୍ଟ ପଲିସି ବା ବୀମା ଉପରେ ଋଣ ଫିଚର ଖୁବ୍ ଉପଯୋଗୀ ଅଟେ କାରଣ ଏହା ଗ୍ରାହକଙ୍କୁ ସେମାନଙ୍କର ଦୀର୍ଘାବଧି ସଂଚୟ ଯୋଜନାକୁ ପ୍ରଭାବିତ ନକରି ତରଳତା ପ୍ରଦାନ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨,୭୦୦ରୁ ଅଧିକ ଗ୍ରାହକଙ୍କୁ ଏଭଳି ଋଣ ବିତରଣ କରିଛି। ବୀମା ଉପରେ ଋଣ ପାଇବା ପାଇଁ ପ୍ରକ୍ରିୟା ଶୀଘ୍ର ଓ ପେପରଲେସ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୮%ରୁ ଅଧିକ ଋଣ କେବଳ ୨୪ ଘଂଟା ମଧ୍ୟରେ ବିତରଣ କରାଯାଇଥିଲା। ଗ୍ରାହକମାନେ ଋଣ ପାଇଁ ଆବେଦନ କରିବା ଲାଗି କମ୍ପାନୀ ୱେବସାଇଟ କିମ୍ବା ଆମର ମୋବାଇଲ ଆପର ବ୍ୟବହାର କରିପାରିବେ । ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, 'ଜୀବନ ବୀମା ହେଉଛି ଏକ ଦୀର୍ଘାବଧି ଉତ୍ପାଦ ଏବଂ ଗ୍ରାହକମାନେ ବୀମା ଅବଧି ସମୟରେ ତରଳତା ଆହ୍ୱାନଗୁଡିକର ସମ୍ମୁଖୀନ ହୋଇପାରନ୍ତି। ବୀମା ଉପରେ ଋଣ ସୁବିଧା ବିନା ବାଧାରେ ଆର୍ଥିକ ସଂଚୟ ଯୋଜନାକୁ ଟ୍ରାକ୍‌ରେ ରଖିବା ସୁନିଶ୍ଚିତ କରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରାହକମାନେ ବୀମା ସରେଣ୍ଡର ଭାଲ୍ୟୁର ୮୦% ପର୍ଯ୍ୟନ୍ତ ରାଶି ଋଣ ଭାବେ ପାଇପାରିବେ। ୨୦୨୪-୨୫ରେ ଋଣ ବିତରଣ କ୍ଷେତ୍ରରେ ବାର୍ଷିକ ଆଧାରରେ ୬୦% ବୃଦ୍ଧି ହେବା ସହିତ ଆମେ ଆମର ଗ୍ରାହକଙ୍କ ମଧ୍ୟରେ ବୀମା ଉପରେ ଋଣ ସୁବିଧାକୁ ଆପଣାଇବାରେ ଏକ ବୃଦ୍ଧିର ସାକ୍ଷୀ ହୋଇଛୁ। ଏହି ପାଣ୍ଠିକୁ ପ୍ରିମିୟମ ପଇଠ କରିବା ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ, ଯାହା ବୀମାର ନିର'ରତା ଓ ଏହାର ଲାଭଗୁଡିକୁ ସୁନିଶ୍ଚିତ କରିଥାଏ।'

## ସରକାରୀ କାର୍ଯ୍ୟକ୍ରମ ବିକାଶ ବାହାନ ରଥ ପରିକ୍ରମାକୁ ବିରୋଧ ଅଭିଯୋଗରେ ବିଜେଡି ପାରିଷଦଙ୍କ ବିରୋଧରେ ମାମଲା

ପାରାଦୀପ,(ପି.ଏନ): ରାଜ୍ୟ ସରକାର ଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡିଶା ର ସମସ୍ତ ଜିଲ୍ଲା ଓ ଅଞ୍ଚଳରେ ବିକାଶ ବାହାନ ରଥ ପରିକ୍ରମା କରି ସରକାର ଙ୍କ ଉପଲବ୍ଧି ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀ ରେ ପାରାଦୀପ ପୌରାଞ୍ଚଳ ର ସମସ୍ତ ୱାର୍ଡ ମାନଙ୍କରେ ଏହି ରଥ ପରିକ୍ରମା କରୁଥିବା ବେଳେ ଦଳମତ ନିର୍ବିଶେଷରେ ବହୁ ପାରିଷଦ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରଥ କୁ ଭବ୍ୟ ସମ୍ବର୍ଦ୍ଧନା ଦେଉଥିବାର ଦେଖିବାକୁ ମିଳୁଛି । ସରକାରୀ କାର୍ଯ୍ୟକ୍ରମ ହେତୁ ଏହାକୁ ପାରାଦୀପ ପୌରପାଳିକା ପରିଚ୍ଳାନା କରୁଥିବା ବେଳେ ଗତ ଜୁନ ୧୬ ତାରିଖ ସୋମବାର ଅପରାହ୍ନ ରେ ପୌରପାଳିକା ର ସିଟି ମିଶନ ମ୍ୟାନେଜର ସୁଲୋକ୍ୟ ନାଥ ମିଶ୍ର ଙ୍କ ତତ୍ତ୍ୱାବଧାନରେ ୧୬ ନମ୍ବର ୱାର୍ଡ ର ନୂଆବଜାର ଛକ ରେ ରଥ ପରିକ୍ରମା ଓ ଏକ ସଭାର ଆୟୋଜନ କରାଯାଇଥିଲା । ତେବେ ସୌଜନ୍ୟ ଦୃଷ୍ଟି ରୁ ଏଥିରେ ଯୋଗଦେବା ପାଇଁ ସେହି ୱାର୍ଡ ର ବିଜେଡି ପାରିଷଦ ମନୋଜ କୁମାର ନାୟକ ଙ୍କୁ ନିମନ୍ତ୍ରଣ କରାଯାଇଥିଲା । ତେବେ ସେ ନଆସି ଶିବ ମନ୍ଦିର ଛକରେ ରଥ କୁ ଅଟକାଇ ସିଟି ମିଶନ ମ୍ୟାନେଜର ଓ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କୁ ସାଧାରଣରେ ଅଶ୍ରାବ୍ୟ ଭାଷାରେ ଗାଳି କରି ବର୍ଷେ ? ଭିତରେ ସରକାର ଉନ୍ନତି ବଦଳରେ ରାଜ୍ୟ କୁ ନଷ୍ଟ କରିଛନ୍ତି ବୋଲି ଦୋଷାରୋପ କରିଥିଲେ । ତେବେ ଏପରି ଏକ ସରକାରୀ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବା ଅଭିଯୋଗରେ ପୌର ପରିଷଦ ର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପାରାଦୀପ ଆଦର୍ଶ ଥାନାରେ ମନୋଜ ନାୟକ ଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏହାକୁ ନେଇ ସାଧାରଣରେ ଉତ୍ତେଜନା ସୃଷ୍ଟି ହେବା ସହ ଅଭିଯୁକ୍ତ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray